# SAMPLE QUESTION PAPER FOR BOARD EXAMINATION (2011-12)
## CLASS – XII
## SUBJECT – ODIA (113)
## SET - 1

**Time Allowed : 3 Hours** **Full Marks : 100**

**Q.1)** ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **(8)**

ଦେଶପ୍ରେମ, ବିଭୁପ୍ରୀତି ଓ ମାନବବାଦ - ଏହି ତିନିଗୋଟି ଦୃଷ୍ଟିକୋଣର ପ୍ରତିଫଳନ "ଓଡ଼ିଆ ଜାତି କିଏ"ପ୍ରବନ୍ଧରେ କିପରି ଘଟିଛି ବୁଝାଇ ଲେଖ ।

କିମ୍ବା

କ୍ଷମା ଓ କରୁଣା ଦ୍ୱାରା କିପରି ଦେବତ୍ୱର ବିକାଶ ହୁଏ ଆଲୋଚନା କର ।

**Q.2)** ସଂକ୍ଷିପ୍ତ ଉତ୍ତର ଦିଅ ଯେ, କୌଣସି ୨ଟିର । **(2 x 2½ = 5)**

(i) ଦାସତ୍ୱର ମୋହ କାହିଁକି ଜଣେ ଛାଡ଼ିପାରେ ନାହିଁ ?

(ii) ମଣିଷକୁ ନିର୍ଭୁଲ ରୂପେ ଚିହ୍ନିବା ପାଇଁ କ'ଣ କରିବାକୁ ପଡ଼ିବ ?

(iii) କେଉଁ ତିନିଗୋଟି ବିଶିଷ୍ଟ ଗୁଣ ଭାରତୀୟ ସଂସ୍କୃତିରେ ରହିଛି ?

(iv) ଦୁଃଖର ବୋଝ ଓହଳେଇ ରଖିବା ପାଇଁ କ'ଣ ଦରକାର ?

**Q.3)** ସପ୍ରସଙ୍ଗ ସରଳାର୍ଥ ଲେଖ ଗୋଟିକର । **(7)**

ଈଶ୍ୱର ଆଶୀର୍ବାଦ କରନ୍ତୁ, ସେ ଦିନ ଶୀଘ୍ର ଦେଖାଦେଉ, ଯଦି ଏହା ହେବ – ଏହି ପତିତ ଦେଶ ପ୍ରକୃତ ଉନ୍ନତ ମାର୍ଗରେ ପ୍ରଧାବିତ ହେବ ।

କିମ୍ବା

ଅତଏବ ମଣିଷକୁ ଚିହ୍ନିବାକୁ ହେଲେ ମଣିଷର ଶରୀର ଭିତରେ ଲୁଚିଛପି ରହିଥିବା ଏହି ଅଜ୍ଞାତକୁଳଶୀଳକୁ ଖୋଜି ବାହାର କରିବାକୁ ପଡ଼ିବ ।

**Q.4)** ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **(8)**

"ଏଣୁ କପୋତ ଗୁରୁ ମୋର" କବିତାଟି ସମାଜକୁ କେଉଁ ଶିକ୍ଷା ପ୍ରଦାନ କରୁଛି ?

କିମ୍ବା

ଫକୀର ମୋହନଙ୍କ "ମୁଁ ହାଟ ବାହୁଡ଼ା" କବିତାରେ ସ୍ୱଦେଶପ୍ରେମ ଓ ସାହିତ୍ୟପ୍ରୀତି କିପରି ପ୍ରତିଫଳିତ ହୋଇଛି, ଆଲୋଚନା କର ।

**Q.5)** ସଂକ୍ଷିପ୍ତ ଉତ୍ତର ଦିଅ, ଯେ କୌଣସି ୨ଟିର । **(2 x 2½ = 5)**

(i) ଭୀମ ଭୋଇ କେଉଁ ଧର୍ମ ଗ୍ରହଣ କରିଥିଲେ ଓ ତାଙ୍କ ଗୁରୁ କିଏ ?

(ii) ବିଧର୍ମୀ ରାଜାର ଶାସନରେ ଗୁଣିଜନ କ'ଣ କରେ ?

(iii) ଉତ୍କଳର ଭୌଗୋଳିକ ସୀମା ଚିହ୍ନିତ କରାଅ ?

(iv) ଚକ୍ରବାକ କାନ୍ଦେ କାହିଁକି ?

**Q.6)** ସପ୍ରସଙ୍ଗ ସରଳାର୍ଥ ଲେଖ ଗୋଟିକର । **(7)**

ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନେ ନଈ
ନିଃଶ୍ୱାସେ ମୋ ତାହାରି ବାୟୁ
ଚଳାଏ ପ୍ରାଣ - ନାହାଚି

**କିମ୍ୱା**

ଏ ରୂପେ ସ୍ନେହ ଅବଲମ୍ବି
ସଂସାରେ ବନ୍ଦୀ ଯେ କୁଟୁମ୍ବୀ

**Q.7)** ଯେ କୌଣସି ୨ଟିର ସଂକ୍ଷିପ୍ତ ଉତ୍ତର ଦିଅ । **(5 + 5 = 10)**

(i) କସ୍ତୁରୀ କିପରିଭାବେ ଥୋମାସ୍‌କୁ ହତ୍ୟା କଲା ?

(ii) ପଦନ କସ୍ତୁରୀକୁ ଘରେ ରଖିବା ପାଇଁ କାହିଁକି ରାଜି ନଥିଲା ?

(iii) ଦେବାନ୍ କୃଷ୍ଣଚନ୍ଦ୍ରଙ୍କ ବିଷୟରେ ପାଞ୍ଚୋଟି ବାକ୍ୟ ଲେଖ ।

(iv) ଜୟୀ ରାଜଗୁରୁ ବକ୍‌ସୀଙ୍କୁ କାହିଁକି ଭୁଲ୍ ବୁଝିଥିଲେ ?

**Q.8)** ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । **(10)**

ଓଡ଼ିଶାର ପର୍ବପର୍ବାଣୀ, ଛାତ୍ର ବିଶୃଙ୍ଖଳା ଓ ତା'ର ସମାଧାନ

**Q.9)** ଗୋଟିଏ ବିଷୟରେ ସମ୍ପାଦକଙ୍କ ପାଖକୁ ପତ୍ର ଲେଖ । **(8)**

ଏକ ନିର୍ଦ୍ଦିଷ୍ଟ ବସ୍ତିବାସିନ୍ଦାଙ୍କ ଅସୁବିଧା ଦୂର କରିବାରେ ସହାୟତା କରିଥିବାରୁ ଧନ୍ୟବାଦ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ।

**କିମ୍ୱା**

କୃଷିକ୍ଷେତ୍ରକୁ ଜଳଯୋଗାଣ ଆମ ସରକାରଙ୍କର ସର୍ବଶ୍ରେଷ୍ଠ ଦାୟିତ୍ୱ । ଏ ଯୁକ୍ତି ଉପସ୍ଥାପନ କରି ଏକ ସମ୍ବାଦପତ୍ର ସମ୍ପାଦକଙ୍କ ନିକଟକୁ ପତ୍ର ।

**Q.10)** ଗୋଟିଏ ବିଷୟରେ ତଥ୍ୟମୂଳକ ବିବରଣୀ ପ୍ରଦାନ କର । **(7)**

ରେଲୱେ ଷ୍ଟେସନ, ତୁମ ବିଦ୍ୟାଳୟ ଗ୍ରନ୍ଥାଗାର

**Q.11)** ନିର୍ଦ୍ଦେଶାନୁଯାୟୀ ଉତ୍ତର ଦିଅ ।

(i) ବାକ୍ୟ ପରିବର୍ତ୍ତନ କର । **(3)**

a) ମୋ ବରାଦ ଜିନିଷଟି ଆଣିଛ ? (ଜଟିଳ ବାକ୍ୟ କର)

b) ଯେତେବେଳେ ଶରତକାଳ ହୁଏ, ସେତେବେଳେ ଚତୁର୍ଦ୍ଦିଗ ସବୁଜ ଦେଖାଯାଏ । (ସରଳ ବାକ୍ୟ କର)

c) ମୁଁ ଯେଉଁ କଥା କହିଲି, ଶିକ୍ଷକ ତାହା ଶୁଣିଲେନି । (ଯୌଗିକ ବାକ୍ୟ କର)

(ii) ନିମ୍ନରେ ଦିଆଯାଇଥିବା ରୂଢ଼ିଗୁଡ଼ିକୁ ବାକ୍ୟରେ ବ୍ୟବହାର କର । **(3)**

ଅଲଣା କଥା, କୁହାମୁଣ୍ଡା କପିଳା, ଢୋଲ ଭିତରେ ମୂଷା

(iii) ଭ୍ରମ ସଂଶୋଧନ କର । (3)

ଭୌଗଳିକ, ସାହାର୍ଯ୍ୟ, ଆତ୍ମାପୁରୁଷ

(iv) ମାତ୍ରାବୃତ୍ତ ଚିହ୍ନିବାର ସୂତ୍ର କ'ଣ ? (3)

(v) ଅନୁପ୍ରାସ ଅଳଙ୍କାର କାହାକୁ କହନ୍ତି, ଉଦାହରଣ ସହ ବୁଝାଅ । (3)

Q.12) ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି, ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (10)

ଓଡ଼ିଶାର ଆଧାତ୍ମିକ ଓ ସାଂସ୍କୃତିକ ଇତିହାସରେ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସର୍ବବିଦିତ । କୌଣସି ନିର୍ଦ୍ଦିଷ୍ଟ ଧର୍ମ, ମତବାଦ ବା ସଂପ୍ରଦାୟର ସଂକୀର୍ଣ୍ଣ ପରିସର ମଧ୍ୟରେ ଜଗନ୍ନାଥ ଆବଦ୍ଧ ନୁହନ୍ତି । ଶବର ବିଶ୍ୱାବସୁଠାରୁ ଆରମ୍ଭ କରି ଆର୍ଯ୍ୟ ଇନ୍ଦ୍ରଦ୍ୟୁମ୍ନ, ବୌଦ୍ଧ ଇନ୍ଦ୍ରଭୂତି, ଶୈବ ଶଙ୍କରାଚାର୍ଯ୍ୟ, ପାଞ୍ଚରାତ୍ରିକ ରାମାନୁଜ, ଶ୍ରଦ୍ଧାଭକ୍ତିବାଦୀ ଶ୍ରୀଚୈତନ୍ୟ. ଶୂନ୍ୟବାଦୀ ବଳରାମ ଓ ଜଗନ୍ନାଥ ଦାସ, ଶିଖ ଧର୍ମଗୁରୁ ନାନକଙ୍କ ପର୍ଯ୍ୟନ୍ତ ବିଭିନ୍ନ ମତବାଦ ଓ ସଂପ୍ରଦାୟ ଶ୍ରୀଜଗନ୍ନାଥଙ୍କ ମୈତ୍ରୀସାଧନା ମଧ୍ୟରେ ସମନ୍ୱିତ ହୋଇ ଅଛନ୍ତି । ଶ୍ରୀଜଗନ୍ନାଥ ବୌଦ୍ଧରୂପେ ଦନ୍ତ-ଗର୍ଭିତ ଥିବା ବିଶ୍ୱାସରେ ବୌଦ୍ଧମାନେ ଜଗନ୍ନାଥଙ୍କୁ ମହାବୌଦ୍ଧରୂପେ ମଧ୍ୟ ଆରାଧନା କରିଥାନ୍ତି । ଇସ୍‌ଲାମଧର୍ମୀ ସାଲବେଗ ଓ ଯବନ ହରି ଦାସ ପ୍ରମୁଖ ଭକ୍ତ ସୁଦ୍ଧା ବହୁ ମର୍ମସ୍ପର୍ଶୀ ଜଣାଣରେ ଶ୍ରୀଜଗନ୍ନାଥଙ୍କର ଆରାଧନା କରିଅଛନ୍ତି । ବସ୍ତୁତଃ ସାର୍ବଜନୀନ ମାନବର ମୈତ୍ରୀ, ସାଧନାର ଇଷ୍ଟଦେବ ରୂପେ ଶ୍ରୀଜଗନ୍ନାଥଙ୍କ ପରିକଳ୍ପନା ଯେପରି ଅଦ୍ୱିତୀୟ ସେହିପରି ବିରାଟ ଓ ଉଦାର ।

ପ୍ରଶ୍ନାବଳୀ :-

(i) ଓଡ଼ିଶାର ଜଗନ୍ନାଥ ସର୍ବବିଦିତ କାହିଁକି ?

(ii) ସଂକୀର୍ଣ୍ଣ ପରିସର ମଧ୍ୟରେ ଶ୍ରୀଜଗନ୍ନାଥ ଆବଦ୍ଧ ନୁହନ୍ତି କିପରି ?

(iii) ବଳରାମ ଓ ଜଗନ୍ନାଥ ଦାସ କିଏ ?

(iv) ବୌଦ୍ଧମାନେ ଶ୍ରୀଜଗନ୍ନାଥଙ୍କୁ ପୂଜା କରନ୍ତି କାହିଁକି ?

(v) ସାଲବେଗ ଓ ହରି ଦାସ କାହିଁକି ପ୍ରସିଦ୍ଧ ?

୦୦ ☺ ୦୦